## ଓଡ଼ିଶା ସରକାର
## ମହିଳା ଏବଂ ଶିଶୁ ବିକାଶ ବିଭାଗ

ଚିଠି ସଂଖ୍ୟା: ୪୨୬ /ମହିଳା ଓ ଶିଶୁବିକାଶ ବିଭାଗ/ ନଥି: WCD-PA-SCHM-0001-2022/ତାରିଖ: ୦୪.୦୧.୨୦୨୫

**ପ୍ରେରକ,**

**ଶ୍ରୀମତୀ ଶୁଭା ଶର୍ମା (ଭା.ପ୍ର.ସେ)**
**ପ୍ରମୁଖ ଶାସନ ସଚିବ, ମହିଳା ଓ ଶିଶୁ ବିକାଶ ବିଭାଗ**

**ପ୍ରାପ୍ତେଷୁ,**

ସମସ୍ତ ଜିଲ୍ଲାପାଳ

**ବିଷୟ: ଶିଶୁମାନଙ୍କ ଅଭିବୃଦ୍ଧି ଆକଳନ ନିମନ୍ତେ ସ୍ୱତନ୍ତ୍ର ଅଭିଯାନ (ଓଜନ ଉତ୍ସବ- ଦ୍ୱିତୀୟ ପର୍ଯ୍ୟାୟ)**

**ମହାଶୟା/ମହାଶୟ,**

ସମଗ୍ର ରାଜ୍ୟରେ ୦-୬ ବର୍ଷ ବୟସର ଶିଶୁମାନଙ୍କ ଶାରୀରିକ ଆକଳନ ନିମନ୍ତେ ଚଳିତ ବର୍ଷ ଅଗଷ୍ଟ-୨୦୨୪ରେ ଓଜନ ଉତ୍ସବର ପ୍ରଥମ ପର୍ଯ୍ୟାୟ ସ୍ୱତନ୍ତ୍ର ଅଭିଯାନ ସଫଳତାର ସହିତ ଆୟୋଜନ କରାଯାଇଥିଲା । ଉକ୍ତ ସ୍ୱତନ୍ତ୍ର ଅଭିଯାନ ମାଧମରେ ରାଜ୍ୟର ୯୯.୮୫ ପ୍ରତିଶତ ଶିଶୁମାନଙ୍କ ଓଜନ ଓ ଉଚ୍ଚତା ସଫଳତା ପୂର୍ବକ ନିରୀକ୍ଷଣ କରାଯାଇଥିଲା; ଏହା କେବଳ ଆପଣମାନଙ୍କ ସହଯୋଗ ଏବଂ ନିଷ୍ଠାପର ସହଭାଗିତା ଯୋଗୁଁ ସମ୍ଭବ ହୋଇପାରିଥିଲା ।

**୨.** ୬ ବର୍ଷରୁ କମ୍ ବୟସର ଶିଶୁମାନଙ୍କ ପୁଷ୍ଟିକର ସ୍ଥିତିର ନିୟମିତ ନିରୀକ୍ଷଣକୁ ମଜବୁତ କରିବା ପାଇଁ ମହିଳା ଏବଂ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାରଙ୍କ ତରଫରୁ ଓଜନ ଉତ୍ସବର ସ୍ୱତନ୍ତ୍ର ଅଭିଯାନକୁ ଆନୁଷ୍ଠାନିକ ଭାବେ ପ୍ରଚଳନ କରାଯାଇଅଛି; ଚଳିତ ବର୍ଷର ଏହାର ଦ୍ୱିତୀୟ ପର୍ଯ୍ୟାୟ ୦୮-୩୧ ଜାନୁଆରୀ ୨୦୨୫ ପର୍ଯ୍ୟନ୍ତ ସମଗ୍ର ରାଜ୍ୟରେ ଆୟୋଜନ କରାଯାଉଅଛି । ପୂର୍ବ ପର୍ଯ୍ୟାୟ ଭଳି ରାଜ୍ୟରେ ପୁଷ୍ଟିହୀନତାରେ ଶିକାର ଶିଶୁମାନଙ୍କୁ (ଅତିଶୟ ପୁଷ୍ଟିହୀନ- SAM, ମଧ୍ୟମ ପୁଷ୍ଟିହୀନ- MAM ଏବଂ ଅତିଶୟ ସ୍ୱଳ୍ପ ଓଜନ ବିଶିଷ୍ଟ - SUW) ଚିହ୍ନଟ କରି ସଠିକ୍ ସମୟରେ ଚିକିତ୍ସା ଏବଂ ଗୋଷ୍ଠୀ ସ୍ତରରେ ଯତ୍ନ ନେବା ଏହି ସ୍ୱତନ୍ତ୍ର ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ। ଏହା ବ୍ୟତୀତ, ଛାଡ଼ିଯାଇଥିବା ତଥା ଅପହଞ୍ଚ / ଦୁର୍ଗମ ଅଞ୍ଚଳର ଶିଶୁମାନଙ୍କ ଶତ ପ୍ରତିଶତ ଓଜନ ଓ ଉଚ୍ଚତା ଆକଳନ ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଅଛି ।

**୩. ଅଭିଯାନର ମୁଖ୍ୟ କାର୍ଯ୍ୟକଳାପ:**

- ରାଜ୍ୟର ସମସ୍ତ ଅଙ୍ଗନୱାଡି କେନ୍ଦ୍ର ସ୍ତରରେ ପଞ୍ଚାୟତିରାଜ ସଦସ୍ୟ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଏବଂ ଆଶା କର୍ମୀ ତଥା ମହିଳା ସ୍ୱାସ୍ଥ୍ୟ କର୍ମୀଙ୍କ ସହାୟତାରେ ୬ ବର୍ଷରୁ କମ୍ ବୟସର ଶିଶୁମାନଙ୍କ ଶାରୀରିକ ଅଭିବୃଦ୍ଧି ନିରୀକ୍ଷଣ ପାଇଁ ଉଦ୍ଦିଷ୍ଟ ସ୍ୱତନ୍ତ୍ର ଅଭିଯାନ ଅଙ୍ଗନୱାଡି କର୍ମୀ ମାନଙ୍କ ଦ୍ୱାରା ସମ୍ପାଦିତ କରାଯିବ ।

- ଶିଶୁମାନଙ୍କ ସଠିକ୍ ଓଜନ ଓ ଉଚ୍ଚତା ରେକର୍ଡ କରି ସେହି ଦିନ ଉକ୍ତ ତଥ୍ୟକୁ ପୋଷଣ ଟ୍ରାକରରେ ଭରିବା ସୁନିଶ୍ଚିତ କରାନ୍ତୁ ।
- ମଧ୍ୟମ ପୁଷ୍ଟିହୀନ (MAM) ଏବଂ ଅତିଶୟ ସ୍ୱଳ୍ପ ଓଜନ ବିଶିଷ୍ଟ (SUW) ବର୍ଗରେ ଥିବା ଶିଶୁମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା (MSPY) ଅଧୀନରେ ନାମ ପଞ୍ଜିକରଣ କରି ଉପଲବ୍ଧ ସମସ୍ତ ସୁବିଧା ପ୍ରଦାନ କରାନ୍ତୁ ।
- ଏତଦବ୍ୟତୀତ ସମସ୍ତ ଅତିଶୟ ପୁଷ୍ଟିହୀନ (SAM) ଶିଶୁମାନଙ୍କୁ ମହିଳା ସ୍ୱାସ୍ଥ୍ୟ କର୍ମୀ / ସ୍ୱାସ୍ଥ୍ୟ ଅଧିକାରୀଙ୍କ ଦ୍ୱାରା ପରୀକ୍ଷା କରାଇ ସେମାନଙ୍କୁ ପୂର୍ଣ୍ଣ ଆହାର (CMAM) କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାନ୍ତୁ ଏବଂ ସ୍ୱାସ୍ଥ୍ୟଗତ ଜଟିଳତା ଥିବା ଅତିଶୟ ପୁଷ୍ଟିହୀନ (SAM) ଶିଶୁମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ପାଇଁ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ର (ତଥା PHC / CHC) ବା ପୁଷ୍ଟି ସାଧନ କେନ୍ଦ୍ର (NRC)କୁ ପଠାନ୍ତୁ ।
- ଗୃହ ପରିଦର୍ଶନ ଏବଂ ପରାମର୍ଶ ମାଧ୍ୟମରେ ଛାଡିଯାଇଥିବା ତଥା ଅପହଞ୍ଚ / ଦୁର୍ଗମ ଅଞ୍ଚଳର ଶିଶୁଙ୍କ ଶତ ପ୍ରତିଶତ ଓଜନ ଓ ଉଚ୍ଚତା ନିରୀକ୍ଷଣ ସୁନିଶ୍ଚିତ କରାନ୍ତୁ ଏବଂ ସେମାନଙ୍କ ବିବରଣୀ ପୋଷଣ ଟ୍ରାକରରେ ସୁନିଶ୍ଚିତ କରାନ୍ତୁ ।

୪. ତତ ସମ୍ପର୍କିତ ସମସ୍ତ ସୂଚନା ପାଇଁ ଏକ ନିର୍ଦ୍ଦେଶାବଳୀ (SOP) ସଂଲଗ୍ନ କରାଯାଇଅଛି । ଅବଶ୍ୟ, ଏହା ଏକ ମାର୍ଗଦର୍ଶିକା ମାତ୍ର, କିନ୍ତୁ ଜିଲ୍ଲା ପ୍ରଶାସନ ନିଜ ନିଜ ସ୍ତରରେ ଆବଶ୍ୟକ ମୁତାବକ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରି ପାରିବେ ।

୫. ତେଣୁ ଏହି ଅଭିଯାନକୁ ସଫଳ କରିବା ପାଇଁ ଗତଥର ଭଳି ସମସ୍ତ ସହଯୋଗୀ ବିଭାଗଙ୍କ ସହାୟତାରେ ଆବଶ୍ୟକୀୟ କାର୍ଯ୍ୟ ଆରମ୍ଭ କରି ୨୦ ଜାନୁଆରୀ ୨୦୨୫ ସୁଦ୍ଧା ସମସ୍ତ କାର୍ଯ୍ୟକୁ ସକାରାତ୍ମକ ଭାବରେ ସମାପ୍ତ କରିବାକୁ ଅନୁରୋଧ କରାଯାଉଅଛି ।

୬. ଯଦି କୌଣସି ସ୍ପଷ୍ଟୀକରଣ ଆବଶ୍ୟକ ହୁଏ ତେବେ ରାଜ୍ୟ ସ୍ୱାସ୍ଥ୍ୟ ଏବଂ ପୋଷଣ ପରାମର୍ଶଦାତା, ଶ୍ରୀ ସୁରଜିତ ପଟ୍ଟନାୟକ, Ph: ୯୪୩୭୩୧୪୭୦୮ କିମ୍ବା ଶ୍ରୀ ଅକ୍ଷୟ କୁମାର ଲିମାଲ, ବରିଷ୍ଠ ପରାମର୍ଶଦାତା, ୟୁନିସେଫ୍, Ph: ୭୭୫୧୯୪୯୦୭ ଙ୍କ ସହ ଯୋଗାଯୋଗ କରିବାକୁ ଅନୁରୋଧ ।

**ଆପଣଙ୍କ ବିଶ୍ୱସ୍ତ**

**ସଂଲଗ୍ନ: ନିର୍ଦ୍ଦେଶାବଳୀ (SOP) ଏବଂ ରିପୋର୍ଟ ଫର୍ମାଟ**

ଶୁଭା ଶର୍ମା, ୪/୧/୨୫

**ପ୍ରମୁଖ ଶାସନ ସଚିବ**

**ଜ୍ଞାପକ ସଂଖ୍ୟା:** ୪୨୩ **/ ମହିଳା ଓ ଶିଶୁ ବିକାଶ ବିଭାଗ** **ତାରିଖ:** ୦୪.୦୧.୨୦୨୫

ଏହାର ଏକକିତା ନକଲ ଓଡ଼ିଶା ମୁଖ୍ୟ ଶାସନ ସଚିବଙ୍କ ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀଙ୍କୁ ମୁଖ୍ୟ ଶାସନ ସଚିବଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

[signature] ୪/୧/୨୫

**ଅତିରିକ୍ତ ଶାସନ ସଚିବ**

**ଜ୍ଞାପକ ସଂଖ୍ୟା: ୪୨୮ / ମହିଳା ଓ ଶିଶୁ ବିକାଶ ବିଭାଗ ତାରିଖ: ୦୪.୦୧.୨୦୨୪**

ଏହାର ଏକକିତା ନକଲ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଯୋଜନା ଓ ସମନ୍ୱୟ ଏବଂ ଜଳ ସମ୍ପଦ ବିଭାଗର ବ୍ୟକ୍ତିଗତ ସଚିବଙ୍କୁ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା |

**ଅତିରିକ୍ତ ଶାସନ ସଚିବ**

**ଜ୍ଞାପକ ସଂଖ୍ୟା: ୪୨୯ / ମହିଳା ଓ ଶିଶୁ ବିକାଶ ବିଭାଗ ତାରିଖ: ୦୪.୦୧.୨୦୨୪**

ଏହାର ଏକକିତା ନକଲ ପ୍ରମୁଖ ଶାସନ ସଚିବ, ଇଲେକ୍ଟ୍ରୋନିକସ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗର ବ୍ୟକ୍ତିଗତ ସଚିବଙ୍କୁ ପ୍ରମୁଖ ଶାସନ ସଚିବଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା |

**ଅତିରିକ୍ତ ଶାସନ ସଚିବ**

**ଜ୍ଞାପକ ସଂଖ୍ୟା: ୪୩୦ / ମହିଳା ଓ ଶିଶୁ ବିକାଶ ବିଭାଗ ତାରିଖ: ୦୪.୦୧.୨୦୨୪**

ଏହାର ଏକକିତା ନକଲ ପ୍ରମୁଖ ଶାସନ ସଚିବ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି, ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗର ବ୍ୟକ୍ତିଗତ ସଚିବଙ୍କୁ ପ୍ରମୁଖ ଶାସନ ସଚିବଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା |

**ଅତିରିକ୍ତ ଶାସନ ସଚିବ**

**ଜ୍ଞାପକ ସଂଖ୍ୟା: ୪୩୧ / ମହିଳା ଓ ଶିଶୁ ବିକାଶ ବିଭାଗ ତାରିଖ: ୦୪.୦୧.୨୦୨୪**

ଏହାର ଏକକିତା ନକଲ ପ୍ରମୁଖ ଶାସନ ସଚିବ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ବ୍ୟକ୍ତିଗତ ସଚିବଙ୍କୁ ପ୍ରମୁଖ ଶାସନ ସଚିବଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା

**ଅତିରିକ୍ତ ଶାସନ ସଚିବ**

**ଜ୍ଞାପକ ସଂଖ୍ୟା: ୪୩୨ / ମହିଳା ଓ ଶିଶୁ ବିକାଶ ବିଭାଗ ତାରିଖ: ୦୪.୦୧.୨୦୨୪**

ଏହାର ଏକକିତା ନକଲ ପ୍ରମୁଖ ଶାସନ ସଚିବ, ମହିଳା ଓ ଶିଶୁ ବିକାଶ ବିଭାଗର ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀଙ୍କୁ ପ୍ରମୁଖ ଶାସନ ସଚିବଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା |

**ଅତିରିକ୍ତ ଶାସନ ସଚିବ**

**ଜ୍ଞାପକ ସଂଖ୍ୟା: ୪୩୩ / ମହିଳା ଓ ଶିଶୁ ବିକାଶ ବିଭାଗ ତାରିଖ: ୦୪.୦୧.୨୦୨୪**

ଏହାର ଏକକିତା ନକଲ କମିଶନର ତଥା ଶାସନ ସଚିବ, ମିଶନ ଶକ୍ତି ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ବ୍ୟକ୍ତିଗତ ସଚିବଙ୍କୁ କମିଶନର ତଥା ଶାସନ ସଚିବଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା |

**ଅତିରିକ୍ତ ଶାସନ ସଚିବ**

**ଜ୍ଞାପକ ସଂଖ୍ୟା:** ୪୩୨୪ **/ ମହିଳା ଓ ଶିଶୁ ବିକାଶ ବିଭାଗ** **ତାରିଖ:** ୦୪.୦୧.୨୦୨୫

ଏହାର ଏକକିତା ନକଲ କମିଶନର ତଥା ଶାସନ ସଚିବ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ବ୍ୟକ୍ତିଗତ ସଚିବଙ୍କୁ କମିଶନର ତଥା ଶାସନ ସଚିବଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା |

**ଅତିରିକ୍ତ ଶାସନ ସଚିବ**

**ଜ୍ଞାପକ ସଂଖ୍ୟା:** ୪୩୨୫ **/ ମହିଳା ଓ ଶିଶୁ ବିକାଶ ବିଭାଗ** **ତାରିଖ:** ୦୪.୦୧.୨୦୨୫

ଏହାର ଏକକିତା ନକଲ କମିଶନର ତଥା ଶାସନ ସଚିବ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ବ୍ୟକ୍ତିଗତ ସଚିବଙ୍କୁ କମିଶନର ତଥା ଶାସନ ସଚିବଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା |

**ଅତିରିକ୍ତ ଶାସନ ସଚିବ**

**ଜ୍ଞାପକ ସଂଖ୍ୟା:** ୪୩୨୬ **/ ମହିଳା ଓ ଶିଶୁ ବିକାଶ ବିଭାଗ** **ତାରିଖ:** ୦୪.୦୧.୨୦୨୫

ଏହାର ଏକକିତା ନକଲ ସଚିବ, ଓଡିଶା ଖାଦ୍ୟ ଆୟୋଗଙ୍କ ଅବଗତି ଏବଂ ବିହିତ ପଦକ୍ଷେପ ନିମନ୍ତେ ପ୍ରେରଣ କରାଗଲା |

**ଅତିରିକ୍ତ ଶାସନ ସଚିବ**

**ଜ୍ଞାପକ ସଂଖ୍ୟା:** ୪୩୨୭ **/ ମହିଳା ଓ ଶିଶୁ ବିକାଶ ବିଭାଗ** **ତାରିଖ:** ୦୪.୦୧.୨୦୨୫

ଏହାର ଏକକିତା ନକଲ ନିର୍ଦ୍ଦେଶକ, ସମନ୍ୱିତ ଶିଶୁ ବିକାଶ ଓ ସମାଜ ମଙ୍ଗଳଙ୍କ ବରିଷ୍ଠ ବ୍ୟକ୍ତିଗତ ସଚିବଙ୍କୁ ନିର୍ଦ୍ଦେଶକଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା |

**ଅତିରିକ୍ତ ଶାସନ ସଚିବ**

**ଜ୍ଞାପକ ସଂଖ୍ୟା:** ୪୩୨୮ **/ ମହିଳା ଓ ଶିଶୁ ବିକାଶ ବିଭାଗ** **ତାରିଖ:** ୦୪.୦୧.୨୦୨୫

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଏବଂ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ ଅବଗତି ଏବଂ ବିହିତ ପଦକ୍ଷେପ ନିମନ୍ତେ ପ୍ରେରଣ କରାଗଲା |

**ଅତିରିକ୍ତ ଶାସନ ସଚିବ**

# ଓଡ଼ିଶା ସରକାର
# ମହିଳା ଏବଂ ଶିଶୁ ବିକାଶ ବିଭାଗ
## ଅଙ୍ଗନୱାଡି କେନ୍ଦ୍ରରେ ଶିଶୁମାନଙ୍କ ଅଭିବୃଦ୍ଧି ନିରୀକ୍ଷଣ ସମ୍ପର୍କିତ ନିର୍ଦ୍ଦେଶାବଳି (SOP)

### ପୃଷ୍ଠଭୂମି

ଶିଶୁମାନଙ୍କ ମଧ୍ୟରେ ପୁଷ୍ଟିହୀନତା ଦୂର କରିବା ପାଇଁ ସମସ୍ତ ସହଯୋଗୀ ବିଭାଗର ସମନ୍ୱିତ ପ୍ରୟାସ ଆବଶ୍ୟକ ଏବଂ ଅନ୍ୟାନ୍ୟ ପୁଷ୍ଟିକର ସମ୍ବେଦନଶୀଳ କାର୍ଯ୍ୟକ୍ରମରେ ନିୟୋଜିତ ହେବା ପାଇଁ ମିଶନ୍ ଶକ୍ତି, ପଞ୍ଚାୟତିରାଜ ଓ ପାନୀୟ ଜଳ, ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ଏବଂ କୃଷି ବିଭାଗକୁ ଆବଣ୍ଟନ ବୃଦ୍ଧି କରାଯାଇଥିବା ବେଳେ ରାଜ୍ୟ ସରକାର ମହିଳା ଓ ଶିଶୁ ବିକାଶ ବିଭାଗ ଉପରେ ଗୁରୁତ୍ୱାରୋପ କରିଛନ୍ତି । ସରକାରଙ୍କ ଉଦ୍ଦେଶ୍ୟମୂଳକ ରଣନୀତିକୁ ବାସ୍ତବରେ ପରିଣତ କରିବା ଏବଂ ପରସ୍ପରର ସହଯୋଗ, ସହଭାଗିତା ଭିତ୍ତିରେ ପୁଷ୍ଟିହୀନତାକୁ ମୁକାବିଲା କରିବା ପାଇଁ ବିଭିନ୍ନ ବିଭାଗର ଅଧିକାରୀମାନେ ତୃଣମୂଳ ସ୍ତରରେ ଏକତ୍ରିତ କାର୍ଯ୍ୟ ଆରମ୍ଭ କରିବାକୁ ପ୍ରସ୍ତୁତ ଅଛନ୍ତି ।

ରାଜ୍ୟର ପ୍ରତ୍ୟେକ ଅଙ୍ଗନୱାଡି କେନ୍ଦ୍ରରେ ୦-୬ ବର୍ଷ ବୟସର ସମସ୍ତ ଶିଶୁମାନଙ୍କ ଓଜନ କରାଯାଇ, ତତ ସମ୍ପର୍କିତ ଅଭିବୃଦ୍ଧି ମନିଟରିଂ ତଥ୍ୟ ଅଙ୍ଗନୱାଡି କର୍ମୀମାନଙ୍କ ଦ୍ୱାରା ପୋଷଣ ଟ୍ରାକର ଆପରେ ରେକର୍ଡ କରାଯାଇଥାଏ। ତଥାପି, ଏମିତି କିଛି ଅପହଞ୍ଚ ସ୍ଥାନ ଦେଖାଯାଇଛି, ଯେଉଁଠି ନିୟମିତ ଅଭିବୃଦ୍ଧି ଆକଳନ କରିବା କଷ୍ଟକର ହୋଇଥାଏ। ତେଣୁ ଠିକ୍ ସମୟରେ ଶିଶୁର ଅଭିବୃଦ୍ଧି ଚିହ୍ନଟ ଏବଂ ଉଚିତ ପଦକ୍ଷେପ ଅଭାବରୁ ଏହି ପିଲାମାନେ ପୁଷ୍ଟିହୀନତାର ଶିକାର ହେବାର ସମ୍ଭାବନା ବଢ଼ି ଯାଇଥାଏ।

ଏହା ମଧ୍ୟ ଦେଖାଯାଇଛି ଯେ ପୋଷଣ ଟ୍ରାକର ଆପରେ ରିପୋର୍ଟ ହୋଇଥିବା ତଥ୍ୟରେ ଭିନ୍ନତା ଏବଂ ସଠିକତାର ଅଭାବ ରହିଛି। ଓଡିଶାରେ ଥିବା ୭୪୧୯୨ ଅଙ୍ଗନୱାଡି କେନ୍ଦ୍ରର ପୋଷଣ ଟ୍ରାକରରେ ରିପୋର୍ଟ ହୋଇଥିବା ତଥ୍ୟର ଗୁଣବତ୍ତା ବୈଧତା ଏବଂ ଶତ ପ୍ରତିଶତ ପିଲାମାନଙ୍କର ଅଭିବୃଦ୍ଧି ମୂଲ୍ୟାଙ୍କନ ନିତାନ୍ତ ଆବଶ୍ୟକ।

### କାର୍ଯ୍ୟ ପରିସର

ଅଙ୍ଗନୱାଡି କେନ୍ଦ୍ରଗୁଡିକରେ ୦-୬ ବର୍ଷ ବୟସର ସମସ୍ତ ଶିଶୁଙ୍କ ଶୀଘ୍ର ସ୍କ୍ରିନିଂ କରି SAM, MAM ଏବଂ SUW ଶିଶୁମାନଙ୍କ ଚିହ୍ନଟ ଏବଂ ସେମାନଙ୍କ ସ୍ୱାସ୍ଥ୍ୟ ଓ ପୁଷ୍ଟିକର ସ୍ଥିତିରେ ଉନ୍ନତି ଆଣିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ଏହି ମାର୍ଗଦର୍ଶିକାରେ ବର୍ଣ୍ଣନା କରାଯାଇଛି।

### କାର୍ଯ୍ୟାନ୍ୱୟନ ଯୋଜନା

ଓଜନ ଉତ୍ସବର ସୁସମ୍ପାଦନ ପାଇଁ ଜିଲ୍ଲାପାଳ ଏବଂ ସହଯୋଗୀ ବିଭାଗ ତଥା ପଞ୍ଚାୟତିରାଜ ଓ ପାନୀୟ ଜଳ, ସ୍ୱାସ୍ଥ୍ୟ ପରିବାର କଲ୍ୟାଣ, ମିଶନ ଶକ୍ତି, ଶିକ୍ଷା ଏବଂ ଅନୁସୂଚିତ ଜାତି ଓ ଜନଜାତି ଅଧିକାରୀଙ୍କୁ ନେଇ ଜିଲ୍ଲା ସ୍ତରୀୟ ପ୍ରସ୍ତୁତି ବୈଠକ କରିବେ

↓

ADSWO / PO-ICDS ଏହି ସମସ୍ତ ରିପୋର୍ଟକୁ ସଂକଳନ କରିବେ ଏବଂ DSWO ଜିଲ୍ଲାପାଳଙ୍କୁ ଅବଗତ କରାଇବେ

↓

ଏହି ଅଭିଯାନର ସୁପରିଚାଳନା ନିମନ୍ତେ, ଜିଲ୍ଲାପାଳ ବ୍ଲକ ସ୍ତରରେ ଜଣେ ନୋଡାଲ ଅଫିସରଙ୍କୁ ନିଯୁକ୍ତ କରିବେ, ଯିଏ କି ଏହି ଅଭିଯାନର ତଦାରଖ କରିବା ସହିତ ଏହାର ଅଗ୍ରଗତି ବିଷୟରେ ଜିଲ୍ଲାପାଳଙ୍କୁ ଅବଗତ କରାଇବେ

↓

ସମସ୍ତ ଅଙ୍ଗନୱାଡି କେନ୍ଦ୍ରରେ ଶିଶୁମାନଙ୍କ ଅଭିବୃଦ୍ଧି ନିରୀକ୍ଷଣ ଉପରେ ନଜର ରଖିବା ପାଇଁ ଜିଲ୍ଲାପାଳଙ୍କ ତତ୍ତ୍ୱାବଧାନରେ DSWO ଙ୍କ ଦ୍ୱାରା ପଞ୍ଚାୟତିରାଜ ସଦସ୍ୟ, ଶିକ୍ଷକ ଏବଂ ମହିଳା ପରିଦର୍ଶିକାଙ୍କୁ ନେଇ ବ୍ଲକ୍ ସ୍ତରୀୟ ଦଳ ଗଠନ କରାଯିବ

↓

ଅଭିଯାନର ସମଗ୍ର ପ୍ରକ୍ରିୟାକୁ ତଦାରଖ କରିବା ପାଇଁ ବ୍ଲକ ସ୍ତରରେ ନୋଡାଲ୍ ବ୍ୟକ୍ତି ଭାବରେ CDPOଙ୍କୁ ନିଯୁକ୍ତ କରାଯିବ

↓

ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସମସ୍ତ ଅଙ୍ଗନୱାଡି କେନ୍ଦ୍ରରେ ଶିଶୁମାନଙ୍କ ଅଭିବୃଦ୍ଧି ନିରୀକ୍ଷଣକୁ ସୁନିଶ୍ଚିତ କରିବା ବ୍ଲକ ସ୍ତରୀୟ ନୋଡାଲ୍ ବ୍ୟକ୍ତିଙ୍କ ଦାୟିତ୍ୱ

**ପ୍ରତ୍ୟେକ ଅଙ୍ଗନୱାଡି କେନ୍ଦ୍ରରେ ଓଜନ ପୂର୍ବରୁ ନିମ୍ନ ପ୍ରଦତ୍ତ ସୁବିଧା ସୁନିଶ୍ଚିତ କରନ୍ତୁ**

ପୋଷଣ ଅଭିଯାନ ଅଧୀନରେ ପ୍ରଦାନ କରାଯାଇଥିବା ଅଭିବୃଦ୍ଧି ନିରୀକ୍ଷଣ ଉପକରଣଗୁଡିକ କାର୍ଯ୍ୟକାରି ସ୍ଥିତିରେ ରହିବା ଉଚିତ୍

ଓଜନ ଉପକରଣଗୁଡିକ ଅଭିବୃଦ୍ଧି ନିରୀକ୍ଷଣ ଅଭିଯାନ ପୂର୍ବରୁ ଯାଞ୍ଚ କରିବା ଉଚିତ୍

IEC ସାମଗ୍ରୀର ଉପଲବ୍ଧତା ନିଶ୍ଚିତ କରାନ୍ତୁ

ଶିଶୁ ମାନଙ୍କ ଓଜନ ଏବଂ ଉଚ୍ଚତା ରେକର୍ଡ କରିବା ପାଇଁ ଅଭିବୃଦ୍ଧି ନିରୀକ୍ଷଣ ରେଜିଷ୍ଟର
(ରେଜିଷ୍ଟର ଉପଲବ୍ଧ ନହେବା କ୍ଷେତ୍ରରେ ନକଲ କପି ହୋଇପାରେ)

ବିଶୁଦ୍ଧ ପାନୀୟ ଜଳ ଉପଲବ୍ଧ କରାଇବା

**ଗୋଷ୍ଠୀ ସ୍ତରରେ ସଚେତନତା**

ଅଙ୍ଗନୱାଡି କେନ୍ଦ୍ରରେ ଶିଶୁମାନଙ୍କ ଓଜନ କରିବା ପୂର୍ବରୁ ଗୋଷ୍ଠୀର ସଦସ୍ୟମାନଙ୍କୁ ଅଙ୍ଗନୱାଡି କର୍ମୀ ଜଣାଇବେ

ସ୍ୱୟଂସହାୟିକା ଗୋଷ୍ଠୀର ପ୍ରଭାବଶାଳୀ ସଦସ୍ୟମାନେ (influencer) ଗୋଷ୍ଠୀ ସ୍ତରରେ ଅଭିବୃଦ୍ଧି ନିରୀକ୍ଷଣର ଗୁରୁତ୍ୱ ଉପରେ ସଚେତନତା ସୃଷ୍ଟି କରିବା ସହିତ ଅଭିଭାବକମାନଙ୍କୁ ଏହି କାର୍ଯ୍ୟକ୍ରମରେ ଯୋଗଦେବାକୁ ଉତ୍ସାହିତ କରିବେ

ସ୍ୱୟଂସହାୟିକା ଗୋଷ୍ଠୀର ପ୍ରଭାବଶାଳୀ ସଦସ୍ୟମାନେ (influencer) ସେମାନଙ୍କ ପିଲାମାନଙ୍କ ସହିତ ଓଜନ ଉତ୍ସବରେ ଯୋଗଦେବାକୁ ପିତାମାତାଙ୍କୁ ଏକତ୍ରିତ କରିବାରେ ସାହାଯ୍ୟ କରିବେ

ଅପହଞ୍ଚ / ଦୁର୍ଗମ ଅଞ୍ଚଳର ଶିଶୁମାନଙ୍କ ପାଖରେ ପହଞ୍ଚିବା ପାଇଁ ଧ୍ୟାନ ଦେବେ

**ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକରେ ପିଲାମାନଙ୍କ ଓଜନ, SAM & SUW ଶିଶୁମାନଙ୍କ ଚିହ୍ନଟ ଏବଂ NRC କୁ ରେଫରାଲ୍**

ଅଙ୍ଗନୱାଡି କେନ୍ଦ୍ରରେ ମାର୍ଗଦର୍ଶିକା ଅନୁଯାୟୀ ସମସ୍ତ ଶିଶୁମାନଙ୍କ ଓଜନ ଉଚ୍ଚତା ମାପ କରିବେ

ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କଲା ବେଳେ ମହିଳା ପରିଦର୍ଶିକାମାନେ ପଞ୍ଚାୟତିରାଜ ସଦସ୍ୟ ଏବଂ ଶିକ୍ଷକମାନଙ୍କ ସହଯୋଗରେ ଶିଶୁମାନଙ୍କ ଓଜନ ଉଚ୍ଚତା ମାପ ଯାଞ୍ଚ କରିବେ

ଯେକୌଣସି କାରଣରୁ ଛାଡିଯାଇଥିବା ଶିଶୁମାନଙ୍କ ଗୃହ ପରିଦର୍ଶନ କରି ଅଙ୍ଗନୱାଡି କର୍ମୀ, ପଞ୍ଚାୟତିରାଜ ସଦସ୍ୟ, ଶିକ୍ଷକ କିମ୍ବା ଅନ୍ୟାନ୍ୟ ବ୍ଲକ ଅଧିକାରୀମାନେ ଏହି ପିଲାମାନଙ୍କ ଉପଯୁକ୍ତ ଓଜନ କରାଇବେ ଏବଂ ପରାମର୍ଶ ନିଶ୍ଚିତ କରିବେ

ଅଙ୍ଗନୱାଡି କର୍ମୀମାନେ ଶିଶୁମାନଙ୍କ ଓଜନ ଏବଂ ଉଚ୍ଚତା ରେକର୍ଡ କରି ପୋଷଣ ଟ୍ରାକରରେ ସୁନିଶ୍ଚିତ କରାଇବେ

ଅତିଶୟ ସ୍ୱଳ୍ପ ଓଜନ ବିଶିଷ୍ଟ (SUW) ଏବଂ ମଧ୍ୟମ ପୁଷ୍ଟିହୀନ (MAM) ଚିହ୍ନିତ ଶିଶୁମାନଙ୍କୁ ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା (MSPY) ଅଧୀନରେ ନାମ ପଞ୍ଜିକରଣ କରି ଉପଲବ୍ଧ ସମସ୍ତ ସୁବିଧା ପ୍ରଦାନ କରାଇବେ

ଅତିଶୟ ପୁଷ୍ଟିହୀନ (SAM) ଚିହ୍ନିତ ଶିଶୁମାନଙ୍କୁ ଅଧିକ ଯାଞ୍ଚ ପାଇଁ VHSND ଅଧିବେଶନକୁ ପଠାଇବେ

| | |
|---|---|
| ସ୍ୱାସ୍ଥ୍ୟଗତ ଜଟିଳତା ଥିବା ଅତିଶୟ ପୁଷ୍ଟିହୀନ (SAM) ଶିଶୁମାନଙ୍କୁ ଚିକିତ୍ସା ପାଇଁ ପୁଷ୍ଟି ପୁନର୍ବାସ କେନ୍ଦ୍ର (NRC)କୁ ପଠାନ୍ତୁ | ସ୍ୱାସ୍ଥ୍ୟଗତ ଜଟିଳତା ନ ଥିବା ଅତିଶୟ ପୁଷ୍ଟିହୀନ (SAM) ଶିଶୁମାନଙ୍କୁ ପୂର୍ଣ୍ଣ ଆହାର (CMAM) କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାନ୍ତୁ ଏବଂ ମାର୍ଗଦର୍ଶିକା ଅନୁଯାୟୀ ବର୍ଦ୍ଧିତ ଛତୁଆ (ATHR) ପ୍ରଦାନ କରନ୍ତୁ |

| |
|---|
| ସଂଲଗ୍ନ କରାଯାଇଥିବା ରିପୋର୍ଟିଂ ଫର୍ମାଟ୍ ଅଙ୍ଗନୱାଡି କର୍ମୀ, ଶିକ୍ଷକ, ମହିଳା ସ୍ୱୟଂସହାୟିକା ଗୋଷ୍ଠୀ, ପଞ୍ଚାୟତିରାଜ ସଦସ୍ୟ ଏବଂ ଅନ୍ୟାନ୍ୟ ପର୍ଯ୍ୟବେକ୍ଷକ / ନୋଡାଲ୍ ଅଧିକାରୀଙ୍କ ଦ୍ୱାରା ଦସ୍ତଖତ ହେବା ଆବଶ୍ୟକ |
| ଓଜନ ଓ ଉଚ୍ଚତା ମାପ ବ୍ୟତୀତ ଶାରୀରିକ ଅକ୍ଷମତା ସ୍ଥିତି (PWD) ଏବଂ ଦୁର୍ବଳ ଶ୍ରେଣୀଭୁକ୍ତ ତଥା ପରିବାରରେ ୬ ବର୍ଷରୁ କମ୍ ବୟସର ୩ ରୁ ଅଧିକ ଶିଶୁମାନଙ୍କ ମ୍ୟାପିଂ କରାଇ ସେମାନଙ୍କ ଯତ୍ନ ନେବା ଆବଶ୍ୟକ |
| ବ୍ଲକ ସ୍ତରୀୟ ନୋଡାଲ ଅଧିକାରୀମାନେ ଅଭିଯାନ ଅବଧି ମଧ୍ୟରେ ସମସ୍ତ ଅଙ୍ଗନୱାଡି କେନ୍ଦ୍ରର ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମର ନିରପେକ୍ଷ ନିରୀକ୍ଷଣ ସୁନିଶ୍ଚିତ କରିବେ |

**ଶିଶୁମାନଙ୍କ ଅଭିବୃଦ୍ଧି ନିରୀକ୍ଷଣ ତଥ୍ୟ (ଓଜନ ବା ଉଚ୍ଚତା) ପୋଷଣ ଟ୍ରାକରରେ ପୂରଣ କରିବେ | ତା ସହିତ ରିପୋର୍ଟିଂ ଫର୍ମାଟ୍ର ଏକକିତା ନକଲ ଅଙ୍ଗନୱାଡି କେନ୍ଦ୍ରରେ ରଖିବେ, ଯାହାଦ୍ୱାରା ପୋଷଣ ଟ୍ରାକରର ଆବଶ୍ୟକତା ଏବଂ ରେକର୍ଡିଂ ଜନିତ ତ୍ରୁଟି କିମ୍ବା ଦୁର୍ବଳ ମୋବାଇଲ ନେଟୱର୍କ ଜନିତ ସମସ୍ୟା ଆସିଲେ ପରବର୍ତ୍ତୀ ସମୟରେ ସମାଧାନ ହୋଇପାରିବ |**

**ପାଣ୍ଠି :**

ପ୍ରତ୍ୟେକ ଅଙ୍ଗନୱାଡି କେନ୍ଦ୍ରରେ ଓଜନ ଉତ୍ସବ ଆୟୋଜନ କରିବା ପାଇଁ ପୋଷଣ ଅଭିଯାନ ଅଧୀନରେ ପ୍ରଦାନ କରାଯାଇଥିବା ୫୦୦ ଟଙ୍କା (୨୫୦ ଟଙ୍କା ପ୍ରତି ଗୋଷ୍ଠୀ ଭିତ୍ତିକ କାର୍ଯ୍ୟକ୍ରମ) କୁ ବ୍ୟବହାର କରିପାରିବେ | ଜିଲ୍ଲା ପ୍ରଶାସନ ଏହି ଅଭିଯାନକୁ ସଫଳତାର ସହ କାର୍ଯ୍ୟକାରୀ କରିବା ନିମନ୍ତେ ନିମ୍ନଲିଖିତ କିମ୍ବା ଅନ୍ୟାନ୍ୟ ଅନୁମୋଦିତ କାର୍ଯ୍ୟକଳାପ ପାଇଁ ଏହି ପାଣ୍ଠି ବ୍ୟବହାର କରିପାରିବେ |

- କାର୍ଯ୍ୟକ୍ରମ ପାଇଁ ବ୍ୟାନର ମୁଦ୍ରଣ
- ଆୟୋଜକ ଏବଂ ପର୍ଯ୍ୟବେକ୍ଷକ କର୍ମଚାରୀମାନଙ୍କୁ ସତେଜତା ଯୋଗାଇବା
- ବିଭିନ୍ନ ଖର୍ଚ୍ଚ |

**ପର୍ଯ୍ୟବେକ୍ଷକ ସଦସ୍ୟ ଏବଂ ସ୍ୱେଚ୍ଛାସେବୀମାନଙ୍କ ତାଲିମ:**

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ କିମ୍ବା ଉପଯୁକ୍ତ ମହିଳା ପରିଦର୍ଶିକାମାନେ ଗୋଷ୍ଠୀ ସ୍ତରୀୟ ଅଧିକାରୀ ଯଥା BRCC / CRCC, ମିଶନ୍ ଶକ୍ତି ସଂଯୋଜକ ଏବଂ ଜିପିଏଲ୍ଏଫ୍ର ଅନ୍ୟ ସଦସ୍ୟ ତଥା ବିଦ୍ୟାଳୟର ଶିକ୍ଷକମାନଙ୍କ ପାଇଁ ତାଲିମ କାର୍ଯ୍ୟକ୍ରମ ମାସିକ ବୈଠକରେ ଆୟୋଜନ କରିବେ | ଅଙ୍ଗନୱାଡି କର୍ମୀମାନେ ଗୋଷ୍ଠୀ ଭିତ୍ତିକ କାର୍ଯ୍ୟକ୍ରମ ଅଧୀନରେ ଉପଲବ୍ଧ ପାଣ୍ଠି ଦ୍ୱାରା ଅଭିବୃଦ୍ଧି ନିରୀକ୍ଷଣର ଉପଯୋଗୀତା ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଏକ ଦିନ ପୂର୍ବରୁ ସମସ୍ତଙ୍କ ପାଇଁ ଆୟୋଜନ ତଥା ପାନୀୟ ଜଳ, ବସିବା ଇତ୍ୟାଦି ଜରୁରୀ ବ୍ୟବସ୍ଥା କରିବେ |

# Growth Monitoring Status and Vulnerability Mapping of Children 0-6 years

(AWC wise report - Supervisor to be submitted to CDPO)

| AWC Name | Village Name | Sector or GP | ICDS Project | District |
|---|---|---|---|---|
| | | | | |

| No. of Children registered in Poshan Tracker as on 01.01.2025 | No. of Children added newly during Growth Monitoring Campaign | Total no. of Children (0-6 yr) | Children measured Height & Weight | No. of SAM child identified | No. of SAM child with medical complication referred to CHC/NRC | No. of SAM child without medical complication enrolled under Purna Aahar (CMAM) |
|---|---|---|---|---|---|---|
| | | | | | | |

**Children Details**

| Sl. No. | Name of Child | Mother Name | Date of Birth (DD/MM/YY) | Gender (M / F) | Height (Cm) | Weight (Kg) | Date of measurement (DD/MM/YY) | Date of entry in Poshan Tracker-PT (DD/MM/YY) | Caste (SC/ST/ OBC/OTH) | Persons with Disability-PWD (Y/N) | If yes, type of PWD | Is the child Vulnerable (Y/N) | Whether family got benefit under PDS | Remarks if any |
|---|---|---|---|---|---|---|---|---|---|---|---|---|---|---|
| | | | | | | | | | | | | | | |
| | | | | | | | | | | | | | | |
| | | | | | | | | | | | | | | |
| | | | | | | | | | | | | | | |
| | | | | | | | | | | | | | | |
| | | | | | | | | | | | | | | |
| | | | | | | | | | | | | | | |
| | | | | | | | | | | | | | | |
| | | | | | | | | | | | | | | |
| | | | | | | | | | | | | | | |
| | | | | | | | | | | | | | | |
| | | | | | | | | | | | | | | |
| | | | | | | | | | | | | | | |
| | | | | | | | | | | | | | | |
| | | | | | | | | | | | | | | |
| Newly added children in Poshan Tracker during Ojan Utsav Campaign on or after 01.12.2025 | | | | | | | | | | | | | | |
| | | | | | | | | | | | | | | |
| | | | | | | | | | | | | | | |
| | | | | | | | | | | | | | | |
| | | | | | | | | | | | | | | |
| | | | | | | | | | | | | | | |

| Signature of AWW | Signature of ANM/ASHA | Signature of PRI | Signature WSHG | Signature of ICDS Supervisor with date of visit |
|---|---|---|---|---|
| | | | | |

# Growth Monitoring Status of Children 0-6 years

*(Reporting format for Nodal Officers/CDPO to be submitted to DSWO)*

| Name of the ICDS Project | Name of Block | Name of the District | Children measured under 6 years | Total no. of SAM Children identified | No. of SAM child with medical complication referred to CHC/NRC | No. of SAM child without medical complication enrolled under Purna Aahar (CMAM) | No. of Children identified with PWD | Total no. of Children identified as Vulnerable |
|---|---|---|---|---|---|---|---|---|
| | | | | | | | | |

| Sl. No. | Name of Sector | Name of the Supervisor | No. of Children registered in Poshan Tracker | Children added newly during Ojan Utsav | Total no. of Children | Children measured Height & Weight | No. of SAM child identified | No. of SAM children with medical complication referred to CHC/NRC | No. of SAM children without medical complication enrolled under Purna Aahar (CMAM) | No. of Children identified with PWD | Total no. of Children identified as Vulnerable (mother having more than 3 children under 6 years) |
|---|---|---|---|---|---|---|---|---|---|---|---|
| | | | | | | | | | | | |
| | | | | | | | | | | | |
| | | | | | | | | | | | |
| | | | | | | | | | | | |
| | | | | | | | | | | | |
| | | | | | | | | | | | |
| | | | | | | | | | | | |
| | | | | | | | | | | | |
| | TOTAL | | | | | | | | | | |

| Signature of Block Coordinator Poshan | Signature of the CDPO | Signature of the Nodal Officer (to be nominated by District Collector) |
|---|---|---|
| | | |

# Growth Monitoring Status of Children 0-6 years

***(Reporting format for DSWO to be submitted to the Department)***

| Name of the District | Total children measured under 6 years | Total no. of SAM Children identified | No. of SAM child with medical complication referred to CHC/NRC | No. of SAM child without medical complication enrolled under Purna Aahar (CMAM) | No. of Children identified with PWD | Total no. of Children identified as Vulnerable |
|---|---|---|---|---|---|---|
| | | | | | | |

| Sl. No. | Name of ICDS Project | Name of the CDPO | No. of Children registered in Poshan Tracker | Children added newly during Ojan Utsav | Total no. of Children | Children measured Height & Weight | No. of SAM child identified | No. of SAM children with medical complication referred to CHC/NRC | No. of SAM children without medical complication enrolled under Purna Aahar (CMAM) | No. of Children identified with PWD | Total no. of Children identified as Vulnerable (mother having more than 3 children under 6 years) |
|---|---|---|---|---|---|---|---|---|---|---|---|
| | | | | | | | | | | | |
| | | | | | | | | | | | |
| | | | | | | | | | | | |
| | | | | | | | | | | | |
| | | | | | | | | | | | |
| | | | | | | | | | | | |
| | | | | | | | | | | | |
| | | | | | | | | | | | |
| | | | | | | | | | | | |
| | TOTAL | | | | | | | | | | |

| Signature of District Coordinator Poshan | Signature of the DSWO | Signature of District Collector |
|---|---|---|
| | | |